# ସତ୍ୟବାଣୀ

# THE VOICE OF TRUTH

May & June, 1999

AN ORIYA BIMONTHLY BULLETIN
PUBLISHED BY THE CHURCH OF CHRIST

# The Voice of Truth

**CHURCH OF CHRIST**
**P.O. Box No. 80, KAKINADA,**
**A.P. - 533 001**
**Ph. 0884 - 63722**

**Vol. 4 May & June , 1999 No. 3**

Published every two months in Oriya Language for the Restoration of pure New Testament Christianity

**FREE!** **FREE!!** **FREE!!**

Study the Bible in the quiet of your own home. Enroll yourself in the **BASIC BIBLE COURSE** in Oriya language. Complete the course and obtain a copy of Oriya Holy Bible obsolutely free! Send your address today to:

**THE DIRECTOR**
**BIBLE CORRESPONDENCE COURSE**
**P.O. Box. 80, KAKINADA - 533 001.**

# ସତ୍ୟ ବାଣୀ

# VOICE OF TRUTH

Vol - IV KAKINADA MAY-JUNE - III


## ନୂତନ ନିୟମର ଖ୍ରୀଷ୍ଟ
## ( Christ in the New Testament )

ନୂତନ ନିୟମର ପୁସ୍ତକମାନଙ୍କରେ, ଖ୍ରୀଷ୍ଟଙ୍କୁ ବିଭିନ୍ନ ଭାବରେ ବର୍ଣ୍ଣିତ କରାଯାଇଅଛି ।

ମାଥିଉ — ଯିହୁଦୀମାନଙ୍କ ରାଜା ।
ମାର୍କ — ପରମେଶ୍ୱରଙ୍କ ଦାସ ।
ଲୂକ — ସିଦ୍ଧ ମନୁଷ୍ୟ ପୁତ୍ର ।
ଯୋହନ — ଈଶ୍ୱରଙ୍କ ପୁତ୍ର ।
ପ୍ରେରିତ — ସ୍ୱର୍ଗାରୋହିତ ପ୍ରଭୁ ।
ରୋମୀୟ — ଆମ୍ଭମାନଙ୍କ ଧାର୍ମିକତା ।
୧ମ କରିନ୍ଥୀ — ମୃତମାନଙ୍କ ମଧ୍ୟରୁ ପ୍ରଥମଜାତ ।
୨ୟ କରିନ୍ଥୀ — ଆମ୍ଭମାନଙ୍କ ପାପଭାର ବହନକାରୀ ।
ଗାଲାତୀୟ — ବ୍ୟବସ୍ଥା ସଫଳକାରୀ ।
ଏଫିସୀୟ — ଆମ୍ଭମାନଙ୍କ ଢାଲ ।
ଫିଲିପୀୟ — ସମସ୍ତ ଆବଶ୍ୟକ ପୂରଣକାରୀ ।
କଲସୀୟ — [illegible] ।
୧ମ ଥେସଲନୀକୀ — ପୁନରାଗମନକାରୀ ପ୍ରଭୁ ।
୨ୟ ଥେସଲନୀକୀ — ଦୁଷ୍ଟଙ୍କୁ ବିଚାର କର୍ତ୍ତା ।
୧ମ ତୀମଥି — ଆମ୍ଭମାନଙ୍କ ଓ ପିତାଙ୍କ ମଧ୍ୟରେ ଏକମାତ୍ର ମଧ୍ୟସ୍ଥ ।
୨ୟ ତୀମଥି — ଜୀବନ ମୁକୁଟ ଦାତା ।
ତିତସ — ମହାନ ପ୍ରଭୁ ଓ ତ୍ରାଣକର୍ତ୍ତା ।

ଫିଲିମୋନ — ପିତା ପରମେଶ୍ୱରଙ୍କ ଅଂଶୀଦାର ।
ଏବ୍ରୀ — ବିଶ୍ୱାସର ନେତା ଓ ସିଦ୍ଧିଦାତା ।
ଯାକୁବ — ଜ୍ଞାନଦାତା ପ୍ରଭୁ ।
୧ମ ପିତର — ପୁରାତନ ନିୟମର ଭବିଷ୍ୟଦ୍‌ବାଣୀ ଗୁଡ଼ିକର ସଫଳକର୍ତ୍ତା ।
୨ୟ ପିତର — ସର୍ବ ସମ୍ବସ୍ତୁ ନାଶକର୍ତ୍ତା ।
୧ମ ଯୋହନ — ଜୀବନ ସ୍ୱରୂପ ବାକ୍ୟ ।
୨ୟ ଯୋହନ — ଖ୍ରୀଷ୍ଟାଗମନର ପରମ ଶତ୍ରୁ ।
୩ୟ ଯୋହନ — ସତ୍ୟ ସ୍ୱରୂପୀ ।
ଯିହୂଦା — ବିଶ୍ୱାସର ଆଶାସ୍ଥଳ ।
ପ୍ରକାଶିତ ବାକ୍ୟ — ବିଜୟୀ ମେଷଶାବକ ।

— ● —

## ଗୀତ ଗାଇବା
## ( Singing )

ଗୀତ ଗାୟନ ଖ୍ରୀଷ୍ଟଧର୍ମର ଏକ ପ୍ରଧାନ ଅଂଶ । ପରମେଶ୍ୱରଙ୍କୁ ସତ୍ୟ ଓ ଆତ୍ମାରେ ଉପାସନାର ଏହି ବିଶିଷ୍ଟ ଅଂଶ ବିଷୟରେ, ଈଶ୍ୱରଙ୍କ ବାକ୍ୟ କଅଣ କହେ, ଆସ ପରଖି ଦେଖିବା ।

ସର୍ବପ୍ରଥମେ ଈଶ୍ୱରଙ୍କ ପବିତ୍ର ବାକ୍ୟରେ ଏହି ବିଷୟର କଅଣ କୁହାଯାଏ ପଢ଼ିବା :—

୧) "ପୁଣି, ସେମାନେ ସ୍ତବଗାନ କଲାଉତ୍ତାରେ ଜୈତ ପର୍ବତକୁ ବାହାରିଗଲେ ।" (ମାଥିଉ ୨୬ : ୩୦)

୨) "କିନ୍ତୁ ପ୍ରାୟ ମଧ୍ୟରାତ୍ରରେ ପାଉଲ ଓ ଶୀଲ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା ଓ ସ୍ତବଗାନ କରୁଥିଲେ, ଆଉ ବନ୍ଦୀମାନେ ଶୁଣୁଥିଲେ ।" (ପ୍ରେରିତ ୧୬ : ୨୫)

୩) "ପୁଣି, ଯେପରି ବିଜାତିମାନେ ଈଶ୍ୱରଙ୍କ ଦୟା ନିମନ୍ତେ ତାହାଙ୍କର ଗୌରବ କରନ୍ତି, ଯେପରି ଲେଖା ଅଛି, ଏଥିପାଇଁ

ମୁଁ ବିଜାତିମାନଙ୍କ ମଧ୍ୟରେ ତୁମ୍ଭର ପ୍ରଶଂସା କରିବି, ଆଉ ତୁମ୍ଭ ନାମର କୀର୍ତ୍ତନ କରିବି ।" (ରୋମୀୟ ୧୫ : ୯)

୪) " ... ମୁଁ ଆତ୍ମା ଦ୍ୱାରା ପ୍ରାର୍ଥନା କରିବି, ପୁଣି ବୁଦ୍ଧି ସହିତ ମଧ୍ୟ ପ୍ରାର୍ଥନା କରିବି, ଆତ୍ମା ଦ୍ୱାରା ସ୍ତୁତିଗାନ କରିବି, ପୁଣି ବୁଦ୍ଧି ସହିତ ମଧ୍ୟ ସ୍ତୁତିଗାନ କରିବି ।" (୧ମ କରିନ୍ଥୀ ୧୪ : ୧୫)

୫) "ସ୍ତୋତ୍ର ଓ ଆଧ୍ୟାତ୍ମିକ ସଂକୀର୍ତ୍ତନ ଦ୍ୱାରା ପରସ୍ପରକୁ ଉତ୍ସାହ ଦିଅ, ପୁଣି ତୁମ୍ଭମାନଙ୍କ ହୃଦୟରେ ଈଶ୍ୱରଙ୍କ ଉଦ୍ଦେଶ୍ୟରେ ସଂକୀର୍ତ୍ତନ ଓ ଗୀତ ଗାନ କର ।" (ଏଫିସୀ ୫ : ୧୯)

୬) "ଖ୍ରୀଷ୍ଟଙ୍କ ବାକ୍ୟ ପ୍ରଚୁର ରୂପେ ତୁମ୍ଭମାନଙ୍କ ଠାରେ ବାସ କରୁ, ତୁମ୍ଭେମାନେ ପରସ୍ପରକୁ ସମ୍ପୂର୍ଣ୍ଣ ଜ୍ଞାନ ସହ ଶିକ୍ଷା ଓ ଚେତନ ଦିଅ, ପୁଣି ଈଶ୍ୱରଙ୍କ ଉଦ୍ଦେଶ୍ୟରେ ଗୀତ, ସ୍ତୋତ୍ର ଓ ଆଧ୍ୟାତ୍ମିକ ସଂକୀର୍ତ୍ତନ ଦ୍ୱାରା କୃତଜ୍ଞ ହୃଦୟରେ ଗାନ କର ।" (କଲସୀ ୩ : ୧୬)

୭) "ଯେପରି ସେ କହନ୍ତି, ମୁଁ ଆପଣା ଭ୍ରାତୃଗଣଙ୍କ ନିକଟରେ ତୁମ୍ଭ ନାମ ଘୋଷଣା କରିବି, ସମାଜ ମଧ୍ୟରେ ତୁମ୍ଭର ପ୍ରଶଂସା ଗାନ କରିବି ।" (ଏବ୍ରୀ ୨ : ୧୨)

୮) "ତୁମ୍ଭମାନଙ୍କ ମଧ୍ୟରେ କଅଣ କେହି ଦୁଃଖଭୋଗ କରୁଅଛି ? ସେ ପ୍ରାର୍ଥନା କରୁ । କେହି କଅଣ ଆନନ୍ଦିତ ଅଛି ? ସେ ଗୀତ ଗାନ କରୁ ।" (ଯାକୁବ ୫ : ୧୩)

୯) "ସେମାନେ ଗୋଟିଏ ନୂତନ ଗୀତ ଗାନ କରି କହିଲେ - ।" (ପ୍ରକା ୫ : ୯)

୧୦) "ସେମାନେ ସିଂହାସନ, ଚାରି ପ୍ରାଣୀ ଓ ପ୍ରାଚୀନମାନଙ୍କ ସମ୍ମୁଖରେ ଗୋଟିଏ ନୂତନ ଗୀତ ଗାନ କଲେ .. ... .. ।" (ପ୍ରକାଶିତ ୧୪ : ୩)

୧୧) "ସେମାନେ ଈଶ୍ୱରଙ୍କ ଦାସ ମୋଶା ଓ ମେଷଶାବକଙ୍କ ଗୀତ ଗାନ କରି କହୁଅଛନ୍ତି, ହେ ପ୍ରଭୁ, ସର୍ବଶକ୍ତିମାନ ଈଶ୍ୱର

ତୁମ୍ଭର କର୍ମସମୂହ ମହତ୍ ଓ ଆଶ୍ଚର୍ଯ୍ୟ, ହେ ଜାତିସମୂହର ରାଜା, ତୁମ୍ଭର ପଥସମସ୍ତ ନ୍ୟାଯ୍ୟ ଓ ସତ୍ୟ ।” (ପ୍ରକାଶିତ ୧୫ : ୩) ।

“ଗୀତ ଗାୟନ” ବିଷୟରେ ଏହି ବଚନ ଗୁଡ଼ିକ ଦ୍ୱାରା ଆମ୍ଭେମାନେ ଈଶ୍ୱରଙ୍କ ଆଜ୍ଞା କଅଣ ଜାଣିପାରୁ । ଆଜିର ଅସଂଖ୍ୟ ଖ୍ରୀଷ୍ଟୀୟ ସମାବେଶ ଗୁଡ଼ିକରେ ଗୀତ ଗାୟନରେ ଯାନ୍ତ୍ରିକ ସଙ୍ଗୀତର ବ୍ୟବହାର ଦେଖିପାରୁ । ନୂତନ ନିୟମରେ ଯଦିଓ ଗୀତ ଗାୟନ ନିମନ୍ତେ ଆମ୍ଭେମାନେ ଆଜ୍ଞାପିତ ହୋଇଅଛୁ, ତଥାପି ଯାନ୍ତ୍ରିକ ବ୍ୟବହାର ବିଷୟରେ ଆମ୍ଭେମାନେ ପଢ଼ି ନପାରୁ ।

ସଙ୍ଗୀତ ଦୁଇ ଭାଗରେ ବିଭକ୍ତ କରାଯାଏ । ୧) କଣ୍ଠ ସଙ୍ଗୀତ ୨) ଯାନ୍ତ୍ରିକ ସଙ୍ଗୀତ । ମନୁଷ୍ୟର କଣ୍ଠ ସ୍ୱରରୁ ଜାତ ସଙ୍ଗୀତ ପ୍ରଥମ ଭାଗର ଅନ୍ତର୍ଭୁକ୍ତ । ପରମେଶ୍ୱରଙ୍କ ସୃଷ୍ଟି ଜୀବନରୁ ଏହି ସଙ୍ଗୀତ ଜାତ । ମନୁଷ୍ୟ କଣ୍ଠସ୍ୱରରୁ ନିର୍ଗତ ସୁମଧୁର ସଙ୍ଗୀତରୁ ବଳି ଆଉ କିଛି ଶବ୍ଦ ଏହି ଜଗତରେ ନାହିଁ । ମାତ୍ର ଯାନ୍ତ୍ରିକ ସଙ୍ଗୀତ ଏହାର ବିପରୀତ । ଜୀବନ, ଆତ୍ମା ଓ ହୃଦୟ ବିହୀନ ଯାନ୍ତ୍ରିକ ବାଦ୍ୟ ମନୁଷ୍ୟ ସ୍ୱହସ୍ତ ନିର୍ମିତ । ମନୁଷ୍ୟର ଅଙ୍ଗୁଳି ଚାଳନରେ ଏହି ବାଦ୍ୟଯନ୍ତ୍ର ଗୁଡ଼ିକ ବିଭିନ୍ନ ଶବ୍ଦ କରିବାରେ ସକ୍ଷମ ହୋଇଥାଏ । ଏହି ଦୁଇ ପ୍ରକାର ସଙ୍ଗୀତରୁ କେଉଁ ସଙ୍ଗୀତ ଈଶ୍ୱରଙ୍କ ସନ୍ତୋଷଜନକ ? ବାକ୍ୟରେ କୁହାଯାଏ “ଏଣୁ ଆସ, ତାହାଙ୍କ ଦ୍ୱାରା ଆମ୍ଭେମାନେ ଈଶ୍ୱରଙ୍କ ଉଦ୍ଦେଶ୍ୟରେ ପ୍ରଶଂସାରୂପ ବଳି, ଅର୍ଥାତ୍ ତାହାଙ୍କ ନାମ ସ୍ୱୀକାରକାରୀ ଓଷ୍ଠାଧରର ଫଳ ନିତ୍ୟ ଉତ୍ସର୍ଗ କରୁ ।” (ଏବ୍ରୀ ୧୩ : ୧୫)

୧) ଯାନ୍ତ୍ରିକ ସଙ୍ଗୀତର ସପକ୍ଷବାଦୀମାନଙ୍କ ମତରେ ଈଶ୍ରାଏଲର ସମ୍ରାଟ ଦାଉଦ ଯାନ୍ତ୍ରିକ ବାଦ୍ୟ ବ୍ୟବହାର କରୁଥିଲେ । କିନ୍ତୁ ଦାଉଦ ବଶୀଭୂତ ଥିବା ପୁରାତନ ନିୟମର ଆମ୍ଭ ଆଜି

ବଶୀଭୂତ ନୋହୁଁ । ଦାଉଦ ନିର୍ବାଚିତ କରିଥିବା ପ୍ରତ୍ୟେକ କାର୍ଯ୍ୟ କର୍ମ ଦ୍ୱାରା ଆମ୍ଭେ ଆବଦ୍ଧ ନୋହୁଁ । ଦାଉଦଙ୍କ ଆଦର୍ଶ ସବୁ ଆମେ ଯଦି ଅନୁସରଣ କରୁ, ଆମ୍ଭମାନଙ୍କୁ ପଶୁବଳି ଦେବା ନିମନ୍ତେ ବର୍ଷକୁ ଥରେ ଯିରୁଶାଲମ ଯିବା ଆବଶ୍ୟକ । ଦୟାପୂର୍ବକ ଯୋହନ ୧ : ୧୭, ୨ୟ କରିନ୍ଥୀ ୩; ଏବ୍ରୀ ୧୦:୯ ପଢନ୍ତୁ ।

୨) ଯାନ୍ତ୍ରିକ ସଙ୍ଗୀତ ବ୍ୟବହାର ନ କରିବା ନିମନ୍ତେ ବାକ୍ୟରେ ଉଲ୍ଲେଖିତ କରାଯାଇ ନାହିଁ ବୋଲି ଅନେକଙ୍କ ମତ । ଯାହା ପାଳନ କରିବା ଆବଶ୍ୟକ ବ୍ୟକ୍ତ କରାଯିବା ସ୍ଥଳେ ପାଳନ କରିବା ଅନାବଶ୍ୟକ ବିଷୟ ଗୁଡ଼ିକ ବ୍ୟକ୍ତ କରିବା ଆବଶ୍ୟକ ନାହିଁ । ଆମ୍ଭେମାନେ ଗୀତ ଗାୟନ ନିମନ୍ତେ ଆଜ୍ଞାପିତ ହୋଇ ଥିବାରୁ (ଏଫିସୀ - ୫ : ୧୯) ତାହାଙ୍କ ଆଜ୍ଞା ପାଳନ ହିଁ ଆମର ଧେୟ ।

୩) ଯାନ୍ତ୍ରିକ ବାଦ୍ୟ ସଙ୍ଗୀତ ଉପାସନାରେ ବ୍ୟବହାର କରିବା ଅପରାଧ ନୁହେଁ ବୋଲି ଅନେକଙ୍କ ମତ । ସ୍ୱଗୃହରେ କିଅବା ବିବାହ ଉତ୍ସବମାନଙ୍କ ଯାନ୍ତ୍ରିକ ବାଦ୍ୟ ସଙ୍ଗୀତ ଉପଭୋଗ କରିବା ଅପରାଧ ନୁହେଁ, କିନ୍ତୁ ତଦ୍ୱାରା ଜୀବନ୍ତ ପିତା ପରମେଶ୍ୱରଙ୍କ ଉପାସନା କରିବା ନିମନ୍ତେ "ଆମ୍ଭେମାନେ ଆଜ୍ଞାପିତ ହୋଇନାହିଁ । ବାକ୍ୟ କହେ, ଯେଉଁମାନେ ଏହି ପୁସ୍ତକର ଭାବବାଣୀ ସବୁ ଶ୍ରବଣ କରନ୍ତି, ସେମାନଙ୍କର ପ୍ରତ୍ୟେକ ଜଣଙ୍କୁ ମୁଁ ସାକ୍ଷ୍ୟ ଦେଇ କହୁଅଛି, କେହି ଯଦି ଏହି ସବୁ ସହିତରେ କିଛି ଯୋଗକରେ, ତେବେ ଏହି ପୁସ୍ତକରେ ଲିଖିତ କ୍ଳେଶ ଗୁଡ଼ିକ ଈଶ୍ୱର ତାହା ପ୍ରତି ଘଟାଇବେ । ପୁଣି କେହି ଯଦି ଏହି ଭାବବାଣୀ ପୁସ୍ତକରେ କୌଣସି ବାକ୍ୟ ଲୋପ କରେ ତେବେ ଈଶ୍ୱର ଏହି ପୁସ୍ତକରେ ଲିଖିତ ଜୀବନବୃକ୍ଷ ଓ ପବିତ୍ର ନଗରରେ ତାହାର ଅଂଶ ଲୋପ କରିବେ ।" (ପ୍ରକାଶିତ ୨୨ : ୧୮, ୧୯)

୪) ସ୍ୱର୍ଗରେ ସଙ୍ଗୀତ ଥିବାରୁ, ଉପାସନାରେ ଯାନ୍ତ୍ରିକ ସଙ୍ଗୀତ ବ୍ୟବହାର କରିବା ଭୁଲ ନୁହେଁ ବୋଲି ଆଜି କେତେକ ମତ ପ୍ରକାଶ କରନ୍ତି । କିନ୍ତୁ ସ୍ୱର୍ଗରେ ଯାନ୍ତ୍ରିକ ସଙ୍ଗୀତ ଅଛି ବୋଲି ବାକ୍ୟରେ କୁହାଯାଏ ନାହିଁ । ୨ୟରେ, ସ୍ୱର୍ଗରେ ଅନେକ ବିଷୟ ଅଛି, ଯାହା ଆମ୍ଭେମାନେ ଏବେ ଏହି ପୃଥିବୀର ଉପାସନାରେ ଯୋଗକରିବା ନିମନ୍ତେ ଆଜ୍ଞାପିତ ହୋଇନାହୁଁ ।

୫) ଯାନ୍ତ୍ରିକ ସଙ୍ଗୀତ ଯଦିଓ ଆମ୍ଭମାନଙ୍କ ନିମନ୍ତେ ଆହ୍ଲାଦଜନକ ତଥାପି ମନୁଷ୍ୟମାନଙ୍କ ଆଦ୍ରନଜ୍ଞକ ପ୍ରତେକ ବିଷୟରେ ଉପାସନାରେ ଯୋଗ କରିବା ଦ୍ୱାରା ଆମ୍ଭେମାନେ ପିତା ପରମେଶ୍ୱରଙ୍କ ଦୃଷ୍ଟିରେ ସନ୍ତୋଷଜନକ ଉପାସନା ଅର୍ପଣ କର ନପାରୁ ।

ଆସ, ଆମ୍ଭେମାନେ ଉପାସନା ନିମନ୍ତେ ଏକତ୍ରିତ ହେବା ସମୟରେ, ତାହାଙ୍କୁ ଆମ୍ଭମାନଙ୍କ ଓଷ୍ଠାଧରର ସଙ୍ଗୀତ ଦ୍ୱାରା ଗୌରବାନ୍ୱିତ କରୁ । ନମ୍ର, ବିନୟ, ଆତ୍ମା ଓ ବାକ୍ୟାନୁଯାୟୀ ପ୍ରଶଂସା ସ୍ତବଗାନ ହିଁ ପରମେଶ୍ୱରଙ୍କ ଗ୍ରାହ୍ୟଯୋଗ୍ୟ ।

ଆଧ୍ୟାତ୍ମିକ, ସମୂହିତ ଗୀତ ଗାୟନ ଦ୍ୱାରା ତାହାଙ୍କ ଉପାସନା କରିବା ଦ୍ୱାରା ଆମ୍ଭେମାନେ ପରମେଶ୍ୱରଙ୍କୁ ତୁଷ୍ଟ କରିବା ସଙ୍ଗେ ୨ ପରସ୍ପରକୁ ଉତ୍ସାହ ଦେଉଁ । ମାର୍ଜିବ ଯାନ୍ତ୍ରିକ ସଙ୍ଗୀତର ବିନା, ଆସ ଆମ୍ଭେମାନେ ଆମ୍ଭମାନଙ୍କ ଅନ୍ତରର ସ୍ୱର ଓ ଓଷ୍ଠାଧରର ଫଳ ରୂପ ଗୀତଗାୟନ କରି ତାହାଙ୍କ ତୁଷ୍ଟଜନକ ଉପାସନା ଅର୍ପଣ କରୁ ।

—J. C. Choate

- ● -

# ପରମେଶ୍ୱରଙ୍କ ପରିବାର
## ( God's Family )

"ସେ ଲୋକ ସମୂହକୁ କଥା କହୁଥିବା ସମୟରେ, ଦେଖ ତାହାଙ୍କ ମା ଓ ଭାଇମାନେ ବାହାରେ ଠିଆ ହୋଇ ତାହାଙ୍କ ସାଙ୍ଗରେ କଥା କହିବାକୁ ଇଚ୍ଛା କରୁଥିଲେ । ସେଥିରେ ଜଣେ ତାହାଙ୍କୁ କହିଲେ, ଦେଖନ୍ତୁ, ଆପଣଙ୍କ ମା ଓ ଭାଇମାନେ ବାହାରେ ଠିଆହୋଇ ଆପଣଙ୍କ ସାଙ୍ଗରେ କଥା କହିବାକୁ ଇଚ୍ଛା କରୁଅଛନ୍ତି । କିନ୍ତୁ ଯେ ତାହାଙ୍କୁ ଏହି କଥା କହିଲା, ତାହାଙ୍କୁ ସେ ଉତ୍ତର ଦେଲେ ମୋହର ମା କିଏ ? ଆଉ, ମୋହର ଭାଇମାନେ କିଏ ? ପୁଣି, ସେ ଆପଣା ଶିଷ୍ୟମାନଙ୍କ ଆଡ଼କୁ ହାତ ବଢ଼ାଇ କହିଲେ, ଦେଖ ମୋହର ମା ଓ ମୋହର ଭାଇମାନେ, କାରଣ ଯେ କେହି ମୋହର ସ୍ୱର୍ଗସ୍ଥ ପିତାଙ୍କ ଇଚ୍ଛା ସାଧନ କରେ ସେ ମୋହର ଭାଇ, ଭଉଣୀ ଓ ମା । (ମାଥିଉ ୧୨ : ୪୬-୫୦)

ବାଇବଲର ଏହି ଅଂଶ ଆତ୍ମିକ ବାନ୍ଧୁତ୍ୱ ବିଷୟରେ ବୁଝାଇ ଦିଏ । ଆମ୍ଭମାନଙ୍କ ପ୍ରଭୁ ଯୀଶୁ ଖ୍ରୀଷ୍ଟ ସମଗ୍ର ଗାଲିଲୀ ପ୍ରଦେଶ ଭ୍ରମଣକରି କରି ଅନେକ ଅଦ୍ଭୁତ କର୍ମ ଓ ଆଶ୍ଚର୍ଯ୍ୟମୟ ଶିକ୍ଷା ପ୍ରକଟ କରି ପ୍ରସିଦ୍ଧ ଲାଭ କରିଥିଲେ । ତାହାଙ୍କ ସୁଖ୍ୟାତି ଯୋଗୁଁ ଅନେକ ତାହାଙ୍କୁ ଅନୁସରଣ କରୁଥିଲେ ।

ସେ ଆପଣା ସୁସମାଚାର କାର୍ଯ୍ୟ ପ୍ରାରମ୍ଭ କରିବା ସମୟରେ କେହି ତାହାଙ୍କ ମହାନତା ବୁଝିପାରି ନଥିଲେ । ତାହାଙ୍କ ଭାଇମାନେ ସୁଦ୍ଧା ତାହାଙ୍କୁ ବିଶ୍ୱାସ କରୁନଥିଲେ । (ଯୋହନ ୭ : ୫) ନାଜରିତ ବାସୀ ତାହାଙ୍କ ମତିଭ୍ରମ ହୋଇଛି ବୋଲି କୁହାକହି ହେବାକୁ ଲାଗିଲେ । ଉପରୋକ୍ତ ବାକ୍ୟରେ ତାହାଙ୍କ ମା ଓ ଭାଇମାନେ ବାହାରେ ଠିଆହୋଇ ଭିଡ଼ ଯୋଗୁଁ ତାହାଙ୍କ ନିକଟସ୍ଥ ହେବାକୁ ଅକ୍ଷମ ହୋଇ, ଅନ୍ୟମାନଙ୍କ ହାତରେ ତାହାଙ୍କୁ ଡ଼ାକି ପଠାଇ

ଥିଲେ ବୋଲି ପଢ଼ିପାରୁ । ଯୀଶୁ ସେମାନଙ୍କୁ ଦେଇ ଥିବା ଉତ୍ତରରେ ପରମେଶ୍ୱରଙ୍କ ପରିବାରର ପରିଚୟ ପାଇଥାଉଁ । "......ମୋହର ମା ଓ ଭାଇମାନେ କିଏ ?" ଶାରୀରିକ ଭାବେ ଯେଉଁମାନେ ତାହାଙ୍କ ପରିବାରସ୍ଥ କେବଳ ସେମାନେ କେବଳହିଁ ତାହାଙ୍କ ପରିବାର ବର୍ଗ ଭୁକ୍ତ ବୋଲି ଜଣାଇବା ନିମନ୍ତେ ସେ କହିଲେ, "ଯେ କେହି ମୋହର ଭାଇ, ଭଉଣୀ ଓ ମାଁ ।" ତାହାଙ୍କ ବାକ୍ୟ ପାଳନକାରୀ ମାନେ ପରମେଶ୍ୱରଙ୍କ ପରିବାର ଭୁକ୍ତ ଅଟନ୍ତି ବୋଲି ପ୍ରଭୁ ଯୀଶୁଖ୍ରୀଷ୍ଟ ଏହି ବାକ୍ୟ ଦ୍ୱାରା ସୁସ୍ପଷ୍ଟ କରନ୍ତି । ଏହା କହି ସେ ଆପଣା ପରିବାର ସଭ୍ୟମାନଙ୍କୁ ଲଘୁ ଜ୍ଞାନ କରନ୍ତି ବୋଲି ଏହାର ଅର୍ଥ ନୁହେଁ । କିନ୍ତୁ ଶାରୀରିକ ବାନ୍ଧବ୍ୟ ଯେତେ ସୁଦୃଢ଼ ଆତ୍ମୀୟ ବନ୍ଧନ ମଧ୍ୟ ସେତେସୁଦୃଢ଼ ବୋଲି ଏହି ବାକ୍ୟରୁ ସେ ଆମ୍ଭମାନଙ୍କୁ ଜଣାନ୍ତି । ତାହାଙ୍କ ମାତା ବିଷୟରେ ସେ କ୍ରୁଶରେ ଚଢ଼ି ମଧ୍ୟ ଚିନ୍ତିତ ଥିଲେ ବୋଲି ଯୋହନଙ୍କ ଲେଖାରୁ ପଢ଼ିପାରୁ । (ଯୋହନ ୧୯:୨୬-୨୭) ତାହାଙ୍କ ବାକ୍ୟ ପାଳନକାରୀମାନେ ପରମେଶ୍ୱରଙ୍କ ପରିବାରର ସଭ୍ୟ ହୋଇପାରିବେ ବୋଲି ଆପଣା ଅନୁଚର ମାନଙ୍କୁ ଜଣାଇବା ନିମନ୍ତେ ପ୍ରଭୁଯୀଶୁ ଏହି ଘଟଣାର ସଦ୍‌ବ୍ୟବହାର କରିଥିଲେ ।

ପରମେଶ୍ୱରଙ୍କ ବାକ୍ୟ ପାଳନ କରି ତାହାଙ୍କ ପରିବାରର ସଭ୍ୟ ହେବା କେତେ ସୌଭାଗ୍ୟର ବିଷୟ ! ଆମ୍ଭମାନଙ୍କ ପ୍ରତ୍ୟେକଙ୍କ ଜାଗତିକ ବାନ୍ଧବ୍ୟ ଠାରୁ ଏହି ବାନ୍ଧବ୍ୟ ଶ୍ରେଷ୍ଠତର । ଜାଗତିକ ବାନ୍ଧବ୍ୟ ଶାରୀରିକ ଓ କ୍ଷଣସ୍ଥାୟୀ । କିନ୍ତୁ ଆତ୍ମୀୟ ବନ୍ଧନ ଅନନ୍ତକାଳ ସ୍ଥାୟୀ । ଏହି ବନ୍ଧନ ଦୟା, ପ୍ରେମ, ବିଶ୍ୱାସ ଉପରେ ସୁପ୍ରତିଷ୍ଠିତ ଅଟେ ।

ଆଜ୍ଞାବହତା, ଆମ୍ଭମାନଙ୍କ ଶିଷ୍ୟତ୍ୱର ପରିମାଣ । ପିତା ପରମେଶ୍ୱରଙ୍କ ଆଜ୍ଞାବହ ପ୍ରତ୍ୟେକ ଭାଇ, ଭଉଣୀ ଓ ମାତାମାନେ ତାହାଙ୍କ ସନ୍ତୋଷଜନକ କାର୍ଯ୍ୟ କରନ୍ତି । ଆଜ୍ଞାବହତାର ପ୍ରଥମ ପାହାଚ୍, ବିଶ୍ୱାସ, ପରେ ମନପରିବର୍ତ୍ତନ, ପ୍ରଭୁଯୀଶୁଙ୍କୁ ଈଶ୍ୱରଙ୍କ

ପ୍ରଭୁରୂପେ ସ୍ୱୀକାର ଓ ବାପ୍ତିଜିତ ହେବା । ଯେଉଁମାନେ ଏହି ଆଜ୍ଞା ଗୁଡ଼ିକ ପାଳନ କରନ୍ତି, ଈଶ୍ୱରଙ୍କ ପରିବାର ଅର୍ଥାତ୍ ଖ୍ରୀଷ୍ଟଙ୍କ ମଣ୍ଡଳୀର ସଂପୃକ୍ତ କରାଯାନ୍ତି ।

ଆମ୍ଭେମାନେ ପ୍ରତ୍ୟେକ ସେହି ମହାନ ପରିବାର ସଭ୍ୟ ଅଟୁଁ । କେହି କାହାଠାରୁ ଶ୍ରେଷ୍ଠତର ନୁହେଁ । ତାହାଙ୍କ ବାକ୍ୟ ପାଳନକାରୀ ତାହାଙ୍କ ଭାଇ, ଭଉଣୀ, ମାତାମାନେ ପରମେଶ୍ୱରଙ୍କ ଆତ୍ମୀୟ ମହାନ ପରିବାରର ସଭ୍ୟ ଅଟନ୍ତି । ଆସ ଆମ୍ଭେମାନେ ତାହାଙ୍କ ପରିବାର ସଭ୍ୟ ହୋଇ ଧନ୍ୟରୂପେ ଗଣିତ ହେଉ ।

—Roy D. Baker

## ତୁଚ୍ଛୀକୃତ, ତଥାପି ବିଜୟୀ ଯୀଶୁ ଖ୍ରୀଷ୍ଟ

**( The rejected, but victorious Jesus )**

"ସେ (ଯୀଶୁଖ୍ରୀଷ୍ଟ) ଜଗତରେ ଥିଲେ ଓ ଜଗତ ତାହାଙ୍କ ଦ୍ୱାରା ସୃଷ୍ଟ ହେଲା, ତଥାପି ଜଗତ ତାହାଙ୍କୁ ଚିହ୍ନିଲା ନାହିଁ । ସେ ଆପଣା ରାଜ୍ୟକୁ ଆସିଲେ, ତଥାପି ତାହାଙ୍କର ନିଜ ଲୋକମାନେ ତାହାଙ୍କୁ ଗ୍ରହଣ କଲେ ନାହିଁ ।" (ଯୋହନ ୧ : ୧୦,୧୧) । ଲୋକେ ଅପେକ୍ଷାରେ ଥିବାରୁ ଓ ଯୋହନ କେଜାଣି ଖ୍ରୀଷ୍ଟ ହେବେ, ଏହି ତାଙ୍କ ସମ୍ବନ୍ଧରେ ସମସ୍ତେ ଆପଣା ୨ ମନରେ ତର୍କବିତର୍କ କରୁଥିବାରୁ " (ଲୂକ ୩ : ୧୫) । ଅନେକ ଶତାବ୍ଦୀର ମସୀହଙ୍କ ଆଗମନର ଅପେକ୍ଷାରେ ଥିବା ଯିହୁଦୀମାନେ କାହିଁକି ଖ୍ରୀଷ୍ଟଙ୍କୁ ଅଗ୍ରାହ୍ୟ କଲେ ? ସେମାନେ କି ତାହାଙ୍କୁ ଦେଖିବାକୁ କିମ୍ବା ଜାଣିବାକୁ ସୁଯୋଗ ପାଇନଥିଲେ ? ତାହାଙ୍କ କୃତ କାର୍ଯ୍ୟ ସକଳ କି ସେମାନେ ଜ୍ଞାତ ନଥିଲେ ? ତାହାଙ୍କ ବିଷୟକ ବାର୍ତ୍ତା କି ବ୍ୟାପ୍ତ

ସାଇଥିଲା ? ତାହାଙ୍କ ଶିଷ୍ୟ କି ଅଜଣା ଥିଲା ? ତାହାଙ୍କୁ ଅନୁସରଣ କରିବା ନିମନ୍ତେ ସେ କି ଆଦର୍ଶ ବର୍ଣ୍ଣନ ଥିଲେ ?

ତାହାଙ୍କ ଜନ୍ମ ଏକ ଗୁପ୍ତ ରହସ୍ୟ ନ ଥିଲା । ସ୍ୱର୍ଗୀୟ ଦୂତ ମେଷପାଳକ ମାନଙ୍କ ନିକଟରେ ଉପସ୍ଥିତ ହୋଇ କହିଲେ । "କାରଣ ଆଜି ଦାଉଦଙ୍କ ନଗରରେ ତୁମ୍ଭମାନଙ୍କ ନିମନ୍ତେ ତ୍ରାଣକର୍ତ୍ତା ଜନ୍ମଗ୍ରହଣ କରିଅଛନ୍ତି; ସେ ଖ୍ରୀଷ୍ଟ ପ୍ରଭୁ ।" (ଲୂକ ୨ : ୧୧) । -- -"ପୁଣି ଅକସ୍ମାତ୍ ସେହି ଦୂତଙ୍କ ସାଙ୍ଗରେ ସ୍ୱର୍ଗୀୟ ବାହିନୀର ଗୋଟିଏ ବୃହଦ୍ ଦଳ ଉପସ୍ଥିତ ହୋଇ ଈଶ୍ୱରଙ୍କ ସ୍ତବଗାନ କରୁ କରୁ କହିଲେ, ଊର୍ଦ୍ଧ୍ୱ ଲୋକରେ ଈଶ୍ୱରଙ୍କ ମହିମା, ପୁଣି ପୃଥିବୀରେ ତାହାଙ୍କ ସନ୍ତୋଷପାତ୍ର, ମନୁଷ୍ୟମାନଙ୍କ ମଧ୍ୟରେ ଶାନ୍ତି ।" (ଲୂକ ୨ : ୧୩, ୧୪) ।

ଏହି ଅଦ୍ଭୁତ ଘଟଣା ଦ୍ୱାରା, ଯୀଶୁଖ୍ରୀଷ୍ଟଙ୍କ ଜନ୍ମର ବିଶିଷ୍ଟତା ମେଷପାଳକ ମାନଙ୍କ ନିକଟରେ ପ୍ରକାଶିତ ହୋଇଥିଲା । ସେମାନଙ୍କ ନିକଟରେ ବ୍ୟକ୍ତ ବିଷୟ ଗୁଡ଼ିକ ସେମାନେ ସ୍ୱଚକ୍ଷୁରେ ନିରୀକ୍ଷଣ କଲା ପରେ । " -- ସେହି ଶିଶୁଙ୍କ ସମ୍ବନ୍ଧରେ ସେମାନଙ୍କୁ ଯେଉଁ କଥା କୁହାଯାଇଥିଲା, ତାହା ପ୍ରକାଶ କଲେ, ପୁଣି ଯେତେ ଲୋକ ମେଷ ପାଳକ ମାନଙ୍କଠାରୁ ସେହି ସବୁ କଥା ଶୁଣିଲେ, ସେମାନେ ସମସ୍ତେ ସେଥିରେ ଚମତ୍କୃତ ହେଲେ ।" (ଲୂକ ୨ : ୧୭, ୧୮) । ଏପରି ଅଦ୍ଭୁତ ଘଟଣା ଘଟିବା ପରେ ଲୋକେ କି ନୀରବ ହୋଇ ରହି ପାରିବେ ? ସେମାନଙ୍କ ଅବଶିଷ୍ଟ ଜୀବନ ସେମାନେ ଏହି ଅଦ୍ଭୁତ ଘଟଣା ଅନ୍ୟମାନଙ୍କୁ ଅନେକ ଥର ଶୁଣାଇ ଥିବେ । କାରଣ ଏହା ମାନବର ସ୍ୱାଭାବିକ ପ୍ରକୃତି ।

ଯଦିଓ ପାଲେଷ୍ଟାଇନ୍ ପରି କ୍ଷୁଦ୍ର ଦେଶରେ ଆଧୁନିକ ଯୋଗାଯୋଗର ଅଭାବ ଥିଲା, ତଥାପି କାନକୁହା ବାର୍ତ୍ତା ବ୍ୟାପ୍ତିରେ ଅଧିକ ସମୟ ଲାଗେନାହିଁ ।

ପୂର୍ବଦେଶରୁ କେତେକ ପଣ୍ଡିତ ଯିରୂଶାଲମକୁ ଆସି କହିଲେ, "ଯିହୁଦୀମାନଙ୍କର ଯେଉଁ ରାଜା ଜନ୍ମଗ୍ରହଣ କରିଅଛନ୍ତି ସେ କେଉଁଠାରେ ? କାରଣ ଆମ୍ଭେମାନେ ପୂର୍ବଦେଶରେ ତାହାଙ୍କ ତାରା ଦେଖି ତାହାଙ୍କୁ ପ୍ରଣାମ କରିବାକୁ ଆସିଅଛୁ ।" ଏହା ଶୁଣି ହେରୋଦ ରାଜା ଓ ତାଙ୍କ ସହିତ ସମୁଦାୟ ଯିରୂଶାଲମ ନିବାସୀ ଉଦ୍‌ବିଗ୍ନ ହେଲେ । ତହୁଁ ସେ ରାଜା ଲୋକଙ୍କର ସମସ୍ତ ପ୍ରଧାନ ଯାଜକ ଓ ଶାସ୍ତ୍ରୀଙ୍କୁ ଏକତ୍ର କରି ଖ୍ରୀଷ୍ଟଙ୍କ ଜନ୍ମ ବିଷୟରେ ଅନୁସନ୍ଧାନ କଲେ । ଭବିଷ୍ୟବାଣୀ ଗୁଡ଼ିକ ଦ୍ୱାରା ବେଥ୍‌ଲିହିମ ଖ୍ରୀଷ୍ଟଙ୍କ ଜନ୍ମସ୍ଥଳ ବୋଲି ଜ୍ଞାତ ହୋଇ ସେଠାରେ ତାହାଙ୍କୁ ଉପାସନା ନିମନ୍ତେ ପ୍ରସ୍ଥାନ କଲେ । ଆଗଣୀ୨ ଦିଗ ମା ପ୍ରଭୁଙ୍କୁ ଦେଖିବା ପରେ, ହେରୋଦଙ୍କ ନିକଟକୁ ବାହୁଡ଼ି ନ ଯିବାକୁ ସ୍ୱପ୍ନରେ ପ୍ରତ୍ୟାଦେଶ ପାଇ ସେମାନେ ଅନ୍ୟ ପଥରେ ସ୍ୱଦେଶକୁ ପ୍ରସ୍ଥାନ କଲେ, ଯେପରି କି ହେରୋଦ ଯୀଶୁଙ୍କ ବିଷୟ ଜାଣି ନ ପାରନ୍ତି । ଏହି ଘଟଣାବଳୀ ଦ୍ୱାରା, ଲୋକମାନଙ୍କ ପ୍ରଧାନ ଯାଜକ ଓ ଶାସ୍ତ୍ରୀମାନେ ବେଥ୍‌ଲିହିମରେ ମଶୀହଙ୍କ ଜନ୍ମ ହୋଇ ଅଛି ବୋଲି ଜ୍ଞାତ ହୋଇଥିଲେ । (ମାଥିଉ ୨ ପର୍ବ) ।

ପ୍ରତ୍ୟେକ ପ୍ରଥମଜାତ ପୁଂସନ୍ତାନ ପ୍ରଭୁଙ୍କ ଉଦ୍ଦେଶ୍ୟରେ ପବିତ୍ର ବୋଲି ଗଣିତ ହେବ ବୋଲି ପ୍ରଭୁଙ୍କ ଆଜ୍ଞା ପ୍ରମାଣେ, ଯୋଷେଫ୍ ଓ ମରିୟମ ନବଜାତ ଶିଶୁ ଯୀଶୁଙ୍କୁ ଯିରୂଶାଲମସ୍ଥ ମନ୍ଦିରକୁ ନେଇ ଯାଇଥିଲେ । ମଶୀହଙ୍କ ଆଗମନର ଅପେକ୍ଷାରେ ଥିବା ଶିମୋନ ସେଠାରେ ତାହାଙ୍କୁ କୋଳରେ ନେଇ ଈଶ୍ୱରଙ୍କ ଧନ୍ୟବାଦ କଲେ ଏବଂ ଉପରେ ହାନ୍ନା ନାମ୍ନୀ ଏକ ବୃଦ୍ଧା ମଧ୍ୟ ସେଠାରେ ଉପସ୍ଥିତ ହୋଇ ଈଶ୍ୱରଙ୍କର ସ୍ତୁତିଗାନ କରୁ ୨ ଯିରୂଶାଲମରେ ମୁକ୍ତି ଅପେକ୍ଷାରେ ଥିବା ସମସ୍ତଙ୍କୁ ତାହାଙ୍କ ବିଷୟ କହିବାକୁ ଲାଗିଲେ । ଏହି ସମୟରେ ଯିରୂଶାଲମରେ ଉପସ୍ଥିତ ଅନେକେ ପ୍ରଭୁ ଯୀଶୁଙ୍କ ବିଷୟରେ ଶୁଣିବାକୁ ସୁଯୋଗ ପାଇଥିଲେ ।

ନିସ୍ତାର ପର୍ବ ପାଳନ କରିବା ନିମନ୍ତେ ଯୀଶୁଖ୍ରୀଷ୍ଟଙ୍କ ପିତାମାତା ପ୍ରତି ବର୍ଷ ଯିରୂଶାଲମକୁ ଯାଉଥିଲେ । ତାହାଙ୍କର ବାରବର୍ଷ

ସମୟରେ ସେମାନେ ଯିରୁଶାଲମରୁ ଫେରି ଆସିବା ସମୟରେ ତାହାଙ୍କ ପିତାମାତା ତାହାଙ୍କୁ ବାହୁଡ଼ି ଆସିବା ଜନ ସମୂହ ମଧ୍ୟରେ ଖୋଜିବେ କିନ୍ତୁ ପ୍ରଭୁ ସେମାନଙ୍କ ମଧ୍ୟରେ ନଥିଲେ । କାରଣ ସେ ମନ୍ଦିରରେ ରହି ପଣ୍ଡିତ ମାନଙ୍କ ମଧ୍ୟରେ ବସି ସେମାନଙ୍କ କଥା ଶୁଣୁଥିଲେ । ତାହାଙ୍କ ବୁଦ୍ଧି ଓ ଉତ୍ତରରେ ଆଚମ୍ବିତ ହୋଇ ଥିବା ଶାସ୍ତ୍ରଜ୍ଞମାନେ କି ତାହାଙ୍କୁ ଏତେ ସହଜରେ ଭୁଲି ପାରିଥିବେ ? (ଲୂକ ୨ : ୪୧-୫୦) ।

ଯିଶାଇୟ (୪୦ : ୩-୫) ଓ ମଲାଖି (୩ : ୧) ରେ ବ୍ୟକ୍ତ ଭବିଷ୍ୟବାଣୀନୁଯାୟୀ, ବାପ୍ତିଜକ ଯୋହନ ମଶୀହଙ୍କ ପଥ ସରଳ କରିବା ନିମନ୍ତେ ଏହି ଜଗତରେ ଜନ୍ମ ଗ୍ରହଣ କରିଥିଲେ । ସେ ଯୀଶୁ ବିଷୟରେ ଜନସମୂହକୁ ସାକ୍ଷ୍ୟ ଦେଉଥିଲେ । ଯିରୁଶାଲମ ଓ ସମଗ୍ର ଯିହୁଦା ପ୍ରଦେଶ, ପୁଣି ଯର୍ଦ୍ଦନ ନିକଟବର୍ତ୍ତୀ ସମସ୍ତ ଅଞ୍ଚଳର ଲୋକ ମାନେ ବାପ୍ତିଜକ ଯୋହନଙ୍କ ଦ୍ୱାରା ଯର୍ଦ୍ଦନ ନଦୀରେ ବାପ୍ତିଜିତ ହେଲେ । "ମୁଁ ସିନା ତୁମ୍ଭମାନଙ୍କୁ ମନ ପରିବର୍ତ୍ତନ ନିମନ୍ତେ ଜଳରେ ବାପ୍ତିସ୍ମ ଦେଉଅଛି, ମାତ୍ର ମୋ ଉତ୍ତାରେ ଯେ ଆସୁଅଛନ୍ତି, ସେ ମୋ ଠାରୁ ଅଧିକ ଶକ୍ତିମାନ ତାହାଙ୍କ ପାଦୁକା ବହନ କରିବା ପାଇଁ ମୁଁ ଯୋଗ୍ୟ ନୁହେଁ, ସେ ତୁମ୍ଭମାନଙ୍କୁ ପବିତ୍ରଆତ୍ମା ଓ ଅଗ୍ନିରେ ବାପ୍ତିସ୍ମ ଦେବେ ।" (ମାଥିଉ ୩:୧୧-୧୫, ମାର୍କ ୧:୭-୯, ଲୂକ ୩:୧୫,୧୬) ଲୋକେ ତାହାଙ୍କୁ ମଶୀହ ବୋଲି ମନେ କରିବାରୁ ସେ ସେମାନଙ୍କୁ ସେ ଖ୍ରୀଷ୍ଟ ନୁହନ୍ତି ବୋଲି ସ୍ୱୀକାର କରି କହିଲେ ।" ମୁଁ ମୋ ଉତ୍ତାରେ ଆସୁଅଛନ୍ତି, ସେ ମୋହର ଅଗ୍ରଗଣ୍ୟ ହୋଇ ଅଛନ୍ତି .. ।" (ଯୋହନ ୧-୧୫) ।

" ତହିଁ ଆରଦିନ ସେ ଯୀଶୁଙ୍କୁ ନିଜ ପାଖକୁ ଆସୁଥିବା ଦେଖି କହିଲେ, ଏହି ଦେଖ ଈଶ୍ୱରଙ୍କ ମେଷଶାବକ, ଯେ ଜଗତର ପାପ ବହି ନେଇଯାଆନ୍ତି ।" (ଯୋହନ ୧:୨୯) । "ଆଉ ଯୋହନ ସାକ୍ଷ୍ୟ ଦେଇ କହିଲେ, ମୁଁ ଆତ୍ମାଙ୍କୁ କପୋତ ପରି ଆକାଶରୁ, ଅବତରଣ କରିବା ଦେଖୁଅଛୁ । ଆଉ ସେ ତାହାଙ୍କ ଉପରେ ଅବସ୍ଥାନ